## କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧ ସମ୍ବଲପୁର

# ଅନୁମତି ମିଳିବା ପୂର୍ବରୁ କାଟିଦେଲେ ଗଛ

ସମ୍ବଲପୁର, ୭।୪ (ସମିସ)



ଜଳବାୟୁ ସନ୍ତୁଳନ ଏବଂ ପରିବେଶ ସମସ୍ୟାକୁ ନେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ସାରା ଦେଶରେ ଆୟୋଜିତ ହେଉଛି। ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଏହି ଅଭିଯାନରେ ରାଜ୍ୟରେ କୋଟି କୋଟି ବୃକ୍ଷରୋପଣ କରାଯାଇଛି। ତେବେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ ୧ ସମ୍ବଲପୁରରେ ବିଦ୍ୟାଳୟ କ୍ୟାମ୍ପସ ଭିତରେ ଥିବା ବଡ଼ ବଡ଼ ଗଛ ଗୁଡ଼ିକୁ ବେଆଇନ ଭାବେ କାଟି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଭିଭାବକ ଏବଂ ପରିବେଶବିତ୍ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ବିଦ୍ୟାଳୟ କ୍ୟାମ୍ପସରେ ଏକ ବୃତ୍ତିଗତ ପ୍ରୟୋଗଶାଳା ନିର୍ମାଣ କରିବାକୁ ପ୍ରସ୍ତାବ ରହିଥିବାବେଳେ ଏହାର କାର୍ଯ୍ୟାନ୍ୱୟନ ଦାୟିତ୍ୱ କେନ୍ଦ୍ରୀୟ ସାର୍ବଜନୀନ ନିର୍ମାଣ ବିଭାଗ (ସିପିଡବ୍ଲୁଡି)କୁ ଦିଆଯାଇଛି। ନିର୍ମାଣ ପାଇଁ ରହିଥିବା ସ୍ଥାନରେ ୪ଟି ଗଛ ରହିଥିବାରୁ ତାହାକୁ ପ୍ରକଳ୍ପ ଆରମ୍ଭ ପାଇଁ ହଟାଇବା ଜରୁରୀ ବୋଲି ଅଧ୍ୟକ୍ଷ ସମ୍ବଲପୁର ସଦର ବନଖଣ୍ଡ ଅଧିକାରୀଙ୍କୁ ପତ୍ର ସଂଖ୍ୟା ଏଫ୍‌୧୫୦୨୯ / କେଭି-୧ / ଏସ୍‌ବିପି / ମିସ୍ / ୧୫୦ ଲେଖି ଅନୁରୋଧ କରିଥିଲେ। ଗତ ଅକ୍ଟୋବର ୩ ତାରିଖ ସମ୍ବଲପୁର ଟାଉନ ରେଞ୍ଜର ବନରେଞ୍ଜ ଅଧିକାରୀ ଏବଂ ସଦର ତହସିଲ ରାଜସ୍ୱ ସୁପରଭାଇଜର, ଅଧ୍ୟକ୍ଷଙ୍କ ଦ୍ୱାରା ଆବେଦନ କରାଯାଇଥିବା ଅଞ୍ଚଳରେ ଛିଡ଼ା ହୋଇଥିବା ଗଛର ସୀମା ନିର୍ଦ୍ଧାରଣ ଏବଂ ଗଣନା କରିଥିଲେ। ମିଳିତ ଯାଞ୍ଚ ଏବଂ ଗଣନା ଅନୁସାରେ କୃଷ୍ଣଚୁଡା ୨ଟି, କରଞ୍ଜ ଗୋଟିଏ, ଗମ୍ଭାରୀ ଗୋଟିଏ, ଶିରୀଶ ଗୋଟିଏ ଏବଂ ସୁବାବୁଲ ଗୋଟିଏ ଗଛ, ଏହିପରି ଅନୁମତି ମାଗିଥିବା ୪ଟି ଗଛ ବଦଳରେ ୭ଟି ଗଛ ସମ୍ପର୍କରେ ରିପୋର୍ଟ ଦିଆଯାଇଥିଲା। ଗଛ ଗୁଡ଼ିକ ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା, କଟକଙ୍କ ନାମରେ ପ୍ରସ୍ତାବିତ ପ୍ଲଟରେ ଥିବା, ଏବଂ ମୂଲ୍ୟ ୯୦୪୯ ଟଙ୍କା ଦର୍ଶାଯାଇ, ନିର୍ଦ୍ଦେଶକଙ୍କୁ ଏହି ଗଛ ଗୁଡ଼ିକ କାଟିବା ପାଇଁ ଏନଓସି ମଗାଯାଇଥିଲା। ଏନ୍‌ଓସି ରିପୋର୍ଟ ଏପର୍ଯ୍ୟନ୍ତ ଆସିନଥିବା ଜଣାପଡ଼ିଛି। ମାତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷ ପରିସରରେ ଥିବା ୧୦ରୁ ଊର୍ଦ୍ଧ୍ୱ ବଡ଼ ବଡ଼ ଗଛ ବିନା ଅନୁମତିରେ କାଟି ଦେଇଥିବାରୁ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସମ୍ବଲପୁର ସଦର ବନଖଣ୍ଡ ଅଧିକାରୀ ଯାଧବ ସୁଦର୍ଶନ ଗୋପୀନାଥ କହିଛନ୍ତି, ଏନେଇ ମତେ ଖବର ମିଳିଛି। ତଦନ୍ତ କରିବା ପାଇଁ ଅଧିକାରୀଙ୍କୁ ପଠାଇଥିଲି, ରିପୋର୍ଟ ପାଇଲା ପରେ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ବହୁବର୍ଷ ପୁରୁଣା ଗଛ ଗୁଡ଼ିକୁ ଏଭଳି କାଟିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିର୍ବୋଧତା ଏବଂ ଯଦି ସେଠାରେ ବୃତ୍ତିଗତ ପ୍ରୟୋଗଶାଳା ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି ତେବେ ଆଧୁନିକ ପ୍ରଣାଳୀରେ ମୂଲ୍ୟବାନ ଗଛ ଗୁଡ଼ିକୁ ସ୍ଥାନାନ୍ତରଣ ମଧ୍ୟ କରାଯାଇ ପାରିଥାନ୍ତା ବୋଲି କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ସଂଘ କହିଛି। ଏନେଇ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧, ସମ୍ବଲପୁରର ଅଧ୍ୟକ୍ଷଙ୍କ ମତାମତ ମିଳିପାରିନାହିଁ।

## ସେକ୍ସ ରାକେଟ କାରବାରରେ ଦମ୍ପତି ଗିରଫ





ବରଗଡ଼, ୭।୪(ସମିସ): ସେକ୍ସ ରାକେଟ ଚଲାଇବା ଅଭିଯୋଗରେ ଦମ୍ପତିଙ୍କୁ ବରଗଡ଼ ଟାଉନ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ, ବରଗଡ଼ ଶ୍ରୀଧାମ ସୋସାଇଟି ପାଖ କଲୋନୀର ଏକ ଭଡ଼ା ଘରେ ଦମ୍ପତି ସେକ୍ସ ରାକେଟ କାରବାର ଚଲାଇଥିବା ସୂଚନା ପାଇ ବରଗଡ଼ ପୁଲିସ ଚଡଉ କରିଥିଲା। ବରଗଡ଼ ଟାଉନ ଥାନା ଅଧିକାରୀ ଚିତ୍ତ ରଞ୍ଜନ ମେହେର ଓ ଷ୍ଟାଫ ମିଶି ସେହି ଭଡ଼ା ଘରକୁ ଚାରିଆଡ଼ୁ ଘେରି ଚଡଉ କରିଥିଲେ। ଦୁଇଟି ଝିଅ ସହ ରବୀନ୍ଦ୍ର ଜାଡେଜା (୪୦) ଓ ତାଙ୍କ ପତ୍ନୀ ନନ୍ଦିତା ସିଂ (୩୪) ଗିରଫ କରି ଆଣିଥିଲେ। ଦୁଇ ଝିଅଙ୍କୁ ଡାକ୍ତରୀ ମାଇନା ପରେ ଛାଡ଼ି ଦେଇଥିଲେ। ଏହି କାରବାର ଚଳାଇ ଥିବା ଦମ୍ପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ସେମାନେ ହରିୟାଣା ରାଜ୍ୟ ନୁହୁ ଜିଲ୍ଲା ଖେଦେଲି ଡୋସା ଥାନା ଅନ୍ତର୍ଗତରୁ ଆସି ବରଗଡ଼ରେ ରହି ସେକ୍ସ ରାକେଟ ଚଳାଇଥିବା ବରଗଡ଼ ଏସ୍‌ଡିପିଓ ପଦାର ବିନ୍ଦ ତ୍ରିପାଠୀ କହିଛନ୍ତି।

## ସିଆର୍‌ସିସି ଦିବସ ସାହୁ ମହୁମାଛି ଆକ୍ରମଣର ଶିକାର

ଝାରବନ୍ଧ, ୭।୪(ସମିସ): ଝାରବନ୍ଧ ବ୍ଲକ ବୈତାଳି ପ୍ରାଥମିକ ବିଦ୍ୟାଳୟ ପାଖ ପତ୍ରଫଡ଼ି ନିକଟରେ ମଙ୍ଗଳବାର ବୈତାଳି କ୍ଲଷ୍ଟରର ସିଆରସିସି ଦିବସ ସାହୁ ମହୁମାଛି ଆକ୍ରମଣରେ ଆହତ ହୋଇଛନ୍ତି। ତାଙ୍କୁ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସା ପରେ ସେ ଘରକୁ ଫେରିଛନ୍ତି। ଏଠାରେ ମହୁମାଛିଙ୍କ ଆତଙ୍କ ଦେଖା ଦେଇଛି। ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଶତାଧିକ ଲୋକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏହା ବିପଦର କାରଣ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପତ୍ର ଫଡ଼ି ନିକଟରେ ଥିବା ଗଛରେ ମହୁମାଛି ରହିଛନ୍ତି। ଯେକୌଣସି ସମୟରେ ଏହି ମହୁମାଛିଙ୍କ ଆକ୍ରମଣର ଶିକାର ହେଉଛି। ପୂର୍ବରୁ ମଧ୍ୟ କିଛି ଲୋକ ଏହି ଆକ୍ରମଣରେ ଆହତ ହୋଇଛନ୍ତି। ଝାରବନ୍ଧ-ପାଇକମାଳ ମୁଖ୍ୟ ରାସ୍ତାର ଏହି ସ୍ଥାନଟି ପ୍ରାଥମିକ ବିଦ୍ୟାଳୟ ନିକଟରେ ରହିଛି। ଛୋଟ ଛୋଟ ଶିଶୁମାନେ ପ୍ରତିଦିନ ଏହି ରାସ୍ତା ଦେଇ ସ୍କୁଲକୁ ଯିବା ଆସିବା କରୁଛନ୍ତି। ଏଣୁ ଅଭିଭାବକମାନଙ୍କ ମଧ୍ୟରେ ଭୟ ବଢ଼ିଛି। ଯେକୌଣସି ସମୟରେ ମହୁମାଛି ଆକ୍ରମଣର ଆଶଙ୍କରା ରହୁଛି।

## ନାମଯଜ୍ଞ ପାଇଁ କଳସଯାତ୍ରା

ପାଇକମାଳ, ୭।୪(ସମିସ): ମାଣ୍ଡୋସିଲ ଗାଁରେ ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ ଆୟୋଜିତ ହୋଇଛି। ମଙ୍ଗଳବାର ଅପରାହ୍ନରେ ଗ୍ରାମବାସୀ ଏକ କଳସ ଶୋଭାଯାତ୍ରା ବାହାରି ଜୁନା ବନ୍ଧ ନିକଟକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ସମସ୍ତେ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପଣ୍ଡିତ ସୁବଳ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ମାଣ୍ଡୋସିଲ ବଣିକ ସଂଘ ଜଗନ୍ନାଥ ମନ୍ଦିରକୁ ଏକ ନୂତନ କୁମ୍ଭ ଓ ନିଳଚକ୍ର ଦାନ କରିଛି। ନୂତନ କୁମ୍ଭ ଓ ନିଳଚକ୍ରକୁ ବସଷ୍ଟାଣ୍ଡରୁ ସୁସଜ୍ଜିତ ଗାଡ଼ିରେ ସଜାଇ ଗାଁର ଗୌରହରି ସଂକୀର୍ତ୍ତନ, ବଜଗଜା ସହ ଗ୍ରାମବାସୀଙ୍କ ଦ୍ୱାରା ଭବ୍ୟ ସ୍ୱାଗତ କରାଯାଇଥିଲା। ନୂତନ କୁମ୍ଭ ଓ ନିଳଚକ୍ରକୁ ବୁଧବାର ଧ୍ୱଜାରୋହଣ କରାଯିବ। ନରେନ୍ଦ୍ର ବିନାଟ, ଯୋଗେଶ୍ୱରୀ ବିନାଟ କର୍ତ୍ତା ଅଛନ୍ତି। ସୁବଳ ପଣ୍ଡା, ଭୀମସେନ ଦାସ, ଦିଲ୍ଲୀପ ଦାସ, ଘନଶ୍ୟାମ ପାଢ଼ୀ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି। ଶରତ ଚନ୍ଦ୍ର ହଂସ, ଗୋପାଳ ପ୍ରସାଦ ବେହେରା, ଗ୍ରାମ୍ୟ କମିଟି ସଭାପତି ଜଗନ୍ନାଥ ପୁଟା, ରାଧେଶ୍ୟାମ ପଟେଲ, ଧନସିଂ ପଟେଲ, ମହେନ୍ଦ୍ର ଖୁଣ୍ଟିଆ, ଅରୁଣାଚାନ୍ଦ ସାହୁ, ଶଙ୍କର ପରାଭୁଏ, କିଶୋର ଖୁଣ୍ଟିଆ, ପର୍ଶୁରାମ ସାହୁ, ତପନ ବହିଦାର, ଗୁରୁପ୍ରସାଦ ଡନସନା, ଅକ୍ଷୟ ସାହୁ, ରଷଦେବ ରଣା, ରାଜୀବ ସାହୁ, ହୃଷିକେଶ ପ୍ରଧାନ, ନବୀନ ଡନସନା, ଶରତ ସାହୁ, ମୁରଲୀ ବିଶ୍ୱାଳ, ବ୍ରଜ କାରେ, ବଡ଼ ବିଶ୍ୱାଳ, ଫଗୁ ବରିହା, ଲଳିତ ଗଡ଼ତ୍ୟା, ହୀରାବତୀ ଡନସନାଙ୍କ ସମେତ ସମଗ୍ର ଗ୍ରାମବାସୀ ପରିଚାଳନାରେ ସହଯୋଗ କରୁଛନ୍ତି।

## ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କଲେ ଅଶ୍ୱିନୀ ଷଡଙ୍ଗୀ



ବରଗଡ଼, ୭।୪(ସମିସ): ମଙ୍ଗଳବାର ବରଗଡ଼ ଜିଲ୍ଲା ଯୋଜନା ବୋର୍ଡ କାର୍ଯ୍ୟାଳୟରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ପାଇବା ପରେ ଆଜି ଶୁଭ ଲଗ୍ନ ଦେଖି ନୂତନ କାର୍ଯ୍ୟାଳୟର ପୂଜାର୍ଚ୍ଚନା କରିବା ସହ ଦାୟିତ୍ୱ ନେଇଛନ୍ତି। ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡ଼ତିଆ ଓ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସୁରେଶ୍ୱର ଶତପଥୀ, ଅଶୋକ ପଣ୍ଡା, ପ୍ରିତମ ସିଂ, ଅରୂପା ନନ୍ଦ ସାହୁଙ୍କ ସମେତ ଶତାଧିକ ବିଜେପି କର୍ମୀ ବିଧାୟକ ଶ୍ରୀ ଷଡ଼ଙ୍ଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ଦିନରେ ବରଗଡ଼ର ଆହୁରି ଉନ୍ନତି କରାଯିବ ବୋଲି ବିଧାୟକ ଶ୍ରୀ ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଛନ୍ତି।

## ଗଣେଶ ମନ୍ଦିର ପ୍ରତିଷ୍ଠା ପାଇଁ ନୃସିଂହନାଥରୁ ଜଳ ସଂଗ୍ରହ

ପାଇକମାଳ, ୭।୪(ସମିସ): ବରଗଡ଼ ୱାର୍ଡ ନମ୍ବର୍ ୧୦ ଗଣେଶ ମନ୍ଦିର ପ୍ରତିଷ୍ଠା ଓ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ମନ୍ଦିର କମିଟି କର୍ମକର୍ତ୍ତାମାନେ ନୃସିଂହନାଥ ପୀଠକୁ ଆସି ପବିତ୍ର ଜଳ ନେଇ ଯାଇଛନ୍ତି। କମିଟି ସଭାପତି ପବିତ୍ର କୁମାର ପ୍ରଧାନଙ୍କ ସମେତ ଆଦିତ୍ୟ ନାରାୟଣ ମିଶ୍ର, ଅନିଲ କୁମାର ହୋତା, ଦିଲ୍ଲୀପ କୁମାର, ଗଜେନ୍ଦ୍ର କୁମାର ବେହେରା, ଦାଶରଥି ଆଚାର୍ଯ୍ୟ, ସତ୍ୟନାରାୟଣ ବହିଦାର, ଅନ୍ତର୍ଯ୍ୟାମୀ ପରିଡ଼ା, କୁନାଲ ଦାସ, ଅରୁଣ ପାଣ୍ଡେ ପ୍ରମୁଖ ନୃସିଂହନାଥ ମନ୍ଦିରକୁ ଆସି ପୂଜାର୍ଚ୍ଚନା କରି ପବିତ୍ର ଜଳ ନେଇ ବରଗଡ଼କୁ ନେଇ ଆସିଛନ୍ତି।




## ବିଜେପୁରରେ ଶିକ୍ଷା ସଚେତନତା ରଥକୁ ସମ୍ବର୍ଦ୍ଧନା




ବିଜେପୁର, ୭।୪(ସମିସ): ବରଗଡ଼ ଜିଲ୍ଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସପ୍ତାହ ବ୍ୟାପୀ ବ୍ଲକକୁ ପରିକ୍ରମା କରୁଥିବା ଶିକ୍ଷା ସଚେତନତା ରଥକୁ ମଙ୍ଗଳବାର ବିଜେପୁର ଓ ଜାରିଂ କ୍ଲଷ୍ଟର ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜାରିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସଚେତନତାକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ସ୍କୁଲ ନିକଟସ୍ଥ ବଟବୃକ୍ଷ ମୂଳେ ପଥପ୍ରାନ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜାରିଂ ସିଆରସିସି ରାଜେଶ୍ୱର ବେହେରାଙ୍କ ସଂଯୋଜନାରେ ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ ଗଡ଼ତିୟା, ଭୋଜରାଜ ମଲ୍ଲିକ, ଦୁର୍ଲ୍ଲଭ ମେହେର, ବିଜେପୁର ସିଆରସିସି ସୁଧାଂଶୁ ଶେଖର ଜାଲ, ମୀନାକ୍ଷୀ ରାଣୀ ରାଉତ, ସ୍କୁଲ ଚେୟାରମ୍ୟାନ ମନୋଜ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରେମରାଜ ରଣା ଅତିଥି ପରିଚୟ ଦେଇଥିବାବେଳେ ଶିକ୍ଷୟିତ୍ରୀ ମନ୍ଦାକିନୀ ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ବାହାଦୁର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶିକ୍ଷାର୍ଥୀମାନଙ୍କୁ ନେଇ ଭବ୍ୟ ଶୋଭାଯାତ୍ରାରେ ଶିକ୍ଷା ସଚେତନତା ରଥ ଗ୍ରାମ ପରିକ୍ରମା କରିଥିଲା। ଶିକ୍ଷକ କମଳ ଛତର ଓ ବିକାଶ ଚନ୍ଦ୍ର ଗଡ଼ତୀୟାଙ୍କ ତତ୍ତ୍ୱାବଧାନରେ ଏହି ରଥ ଏମ୍.ଗଣ୍ଡପାଲି, କ୍ଷେତରପଡ଼ା, ଲେମଧର, ପିପିଲିପାଲି, ବୁଡାପାଲି, ମାଣିକଚଉଁରା ପରିକ୍ରମା କରିଥିଲା। ସେହିପରି ଶିକ୍ଷକ ବିଡ଼ିଓ ସାହୁ ଓ ବିଜୟ ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ବିଜେପୁର କ୍ଲଷ୍ଟରର ସଂକର୍ଷଣ ଉଚ୍ଚ ପ୍ରାଥମିକ, ବାଳିକା ଉଚ୍ଚ ପ୍ରାଥମିକ, କେଉଁଟିପାଲି, ବାଉଁଶପୋଲା, ବିଲେଇପାଲି, ସମଲାଇପଦର, ମନୋହରପାଲି ସ୍କୁଲ ସମେତ ଗ୍ରାମ ପରିକ୍ରମା କରିଥିଲା।

## ଐତିହାସିକ ପ୍ରଫେସର ଘନଶ୍ୟାମ ଦାଶଙ୍କ ଜୟନ୍ତୀ

ବରଗଡ଼, ୭।୪(ସମିସ): ଆଜି ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାର ସମ୍ମିଳନୀ କକ୍ଷରେ ଐତିହାସିକ ଓ ଗବେଷକ ପ୍ରଫେସର ଘନଶ୍ୟାମ ଦାଶଙ୍କ ୧୨୪ତମ ଜୟନ୍ତୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ମୋହନ ସାହୁ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତି ଚାରଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ତରଣୀ ସେନ ବୁଧିଆ ପ୍ରଫେସର ଘନଶ୍ୟାମ ଦାଶଙ୍କ ଜୀବନୀ ବିଷୟରେ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରଫେସର ଘନଶ୍ୟାମ ଦାଶ ସ୍ମୃତି କମିଟିର ସଭାପତି କବି ଗାଳ୍ପିକ ରୋହିତ ଦାଶଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଜ୍ଞା ପାରମିତା ଦାଶ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବାବେଳେ ଡ. ଶେଷନ ବିଶି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ ଅଧ୍ୟାପକ ରାଜକୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଭୁକ୍ତା ଜନତା ସରକାରୀ ହାଇସ୍କୁଲରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ଅମ୍ବାଭୋନା, ୭।୪(ସମିସ): ଭୁକ୍ତା ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକ ଅଧ୍ୟକ୍ଷତା କରିଥିଲେ। ରେଡକ୍ରସ୍ କାଉନସେଲର ସଞ୍ଜୟ ଖମାରୀ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଅମ୍ବାଭୋନା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଡାକ୍ତର ପ୍ରଶାନ୍ତ ପଣ୍ଡା ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ବାରିକ, ରାଜ କୁମାରୀ ଭୁଏ, ଶିକ୍ଷକ ତେଜରାମ ସା, ଆଶୁତୋଷ ଭୋଇ, ବୋଧରାମ ବିଶ୍ୱାଳ, ସୁବାସ ଚନ୍ଦ୍ର ଖମାରୀ, ଅମୂଲ୍ୟ ଭୋଇ, ଅଙ୍କିତ ମହନ୍ତ, ପଦ୍ମଲୋଚନ ବିଶି ପ୍ରମୁଖ ସହଯୋଗ କରିଥିଲେ।


## ପଲସାନୀ ମହିମା ଆଶ୍ରମରେ ଭୂମିପୂଜା

ପାଇକମାଳ, ୭।୪(ସମିସ): ପାଇକମାଳ ବ୍ଲକ ପଲସାନୀ ମହିମା ଆଶ୍ରମ ପରିସରରେ ଗୁରୁକୁଳ ନିମନ୍ତେ ଭୂମିପୂଜା ହୋଇଛି। ଏହି କାର୍ଯ୍ୟକ୍ରମରେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉତ୍ସବରେ ଆଶ୍ରମ ପ୍ରତିଷ୍ଠାତା ସାଧୁ ଗିରିଜା ଶଙ୍କର ଦାସ, ବରିଷ୍ଠ ଚିକିତ୍ସକ ଡ. ଶଙ୍କର ରାମ ଚନ୍ଦାନୀ, ବଜରଙ୍ଗ ଦଳ ପଦ୍ମପୁର ଜିଲ୍ଲା ମୁଖ୍ୟ ସୁରେଶ ରାମଚନ୍ଦାନୀ, ଆଚାର୍ଯ୍ୟ ଧନେଶ୍ୱର ଶାସ୍ତ୍ରୀ, ଚନ୍ଦ୍ର ପ୍ରକାଶ ଶାସ୍ତ୍ରୀ, ଇଞ୍ଜିନିୟର କୁନାଲ ପାଣିଗ୍ରାହୀ, କୋଶଲ ଗ୍ରାମୀଣ ଅନୁଷ୍ଠାନର କେଶବ ବେହେରା, ସୁନନ୍ଦା ମେହେର, ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ବୁକୁରାମୁଣ୍ଡା ସରପଞ୍ଚ ଅନିତା ଭୋଇ, ବିନୋଦ ସେଠ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଦିବ୍ୟକିଶୋର ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ।

## ବିଦ୍ୟା ସାଗର ଏକାଡେମୀରେ ଅଗ୍ନି ସଚେତନତା କାର୍ଯ୍ୟକ୍ରମ

ବରଗଡ଼, ୭।୪(ସମିସ): ବରଗଡ଼ସ୍ଥିତ ବିଦ୍ୟାସାଗର ଏକାଡେମୀରେ ଅଗ୍ନି ଏବଂ ବିପର୍ଯ୍ୟୟ ସଚେତନତାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅନଷ୍ଠିତ ସଭାରେ ଅଧ୍ୟାପକ ଡୋଲାମଣୀ ମହାନନ୍ଦ, ଅଧ୍ୟକ୍ଷ ବିକାଶ ସେନ ଉପସ୍ଥିତ ଥିଲେ। ବରଗଡ଼ ଜିଲ୍ଲା ଅଗ୍ନିଶମ ବିଭାଗର ଅମ୍ବରିଥ ପଧାନ ଏବଂ ହାବିଲଦାର ସୁନୀଲ ବେହେରା ଯୋଗଦେଇ ଅଗ୍ନିରୁ କିପରି ବର୍ତ୍ତି ହେବ ସେ ବିଷୟରେ କହିଥିଲେ। କୌଶଳ ପ୍ରଦର୍ଶନୀରେ ପ୍ରମୋଦ ଶବର, ରୂପକ ବେହେରା ଏବଂ ଲକ୍ଷ୍ମଣ ବାରିକ ସହଯୋଗ କରିଥିଲେ। ଅଧ୍ୟାପକ ରୂପଚନ୍ଦ୍ର ଝା, ଅଧ୍ୟାପକ ବିଜୟ ପ୍ରଧାନ, ଅଧ୍ୟାପିକା ଡଲି ମହାପାତ୍ର, ଅଧ୍ୟାପିକା ସାରୀକା ଦାଶ, ଅଧ୍ୟାପିକା ଅଙ୍କିତା ଦାଶଭ୍‌କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

## ସ୍କୁଟି ଧକ୍କାରେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ



ପାଇକମାଳ, ୭।୪(ସମିସ): ପାଇକମାଳ-ନୃସିଂହନାଥ ରାସ୍ତା ଜର୍ଜଗଡ଼ ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍କୁଟି ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଲକ୍ଷ ପତି ନେଗୀ (୭୫)। ସେ ସବୁଦିନ ପରି ସକାଳେ ନୃସିଂହନାଥ ରାସ୍ତାରେ ଚାଲି ଚାଲି ନୃସିଂହନାଥ ଯାଉଥିଲେ। ଆୟୁର୍ବେଦ କଲେଜ ନିକଟରେ ଜଣେ ନାବାଳକ ଗୋଟିଏ ସ୍କୁଟିରେ ଆସି ଧକ୍କା ଦେବାରୁ ଶ୍ରୀ ନେଗୀ ତଳେ ପଡ଼ି ଯାଇଥିଲେ। ତାଙ୍କୁ ତୁରନ୍ତ ପଦ୍ମପୁର ଚିକିତ୍ସା ପାଇଁ ପଠାଯାଇଥିଲା। ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ହେଲେ ସେ ଆଖି ବୁଜିଛନ୍ତି। ତାଙ୍କ ପୁଅ ପାଇକମାଳ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଘଟଣା ଉପରେ ତଦନ୍ତ ଚାଲିଛି। ଏକ ମାସ ମଧ୍ୟରେ ଏହି ରାସ୍ତାରେ ୨ ଜଣଙ୍କ ମୃତ୍ୟୁ ଘଟିଣି। ନାବାଳକମାନେ ଗାଡି ଚଳାଉଥିବାରୁ ଲୋକଙ୍କ ଜୀବନ ଚାଲି ଯାଉଛି।

## ସୌଖୀନ କଳାକାର ସଂଘର ବାର୍ଷିକ ସଧାରଣ ସଭା

ବରଗଡ଼, ୭।୪(ସମିସ): ସୌଖୀନ କଳାକାର ସଂଘର ବାର୍ଷିକ ସଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶେଷରେ ୨୦୨୬-୨୭ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ପ୍ରଭାସ ରଞ୍ଜନ ମହଲା ସଭାପତି ନିର୍ବାଚିତ ହୋଇଛନ୍ତି। ସେହିପରି ତ୍ରିନାଥ ପ୍ରସାଦ ତ୍ରିପାଠୀ ଉପସଭାପତି, ଅଶ୍ୱିନୀ ପଣ୍ଡା ସମ୍ପାଦକ, ଅଶୋକ ବେହେରା ସହସମ୍ପାଦକ ନିର୍ବାଚିତ ହୋଇଛନ୍ତି। ସ୍ୱରୂପ ପଟ୍ଟନାୟକ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ପୂର୍ଣ୍ଣଚନ୍ଦ୍ର ଦାଶ, ସୁଶୀଲ ମହାପାତ୍ର, ସୁଶୀଲ ମିଶ୍ର, କେତନ ବଗାର, ଗୋପାଳକୃଷ୍ଣ ଦାଶ, ମନୋରଞ୍ଜନ ପଣ୍ଡା କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ନେହେରୁ ସରାଫ୍ ନାଟକ ଇନ୍ ଚାର୍ଜ ଭାବେ ମନୋନୀତ ହୋଇଛନ୍ତି। ସଂଘର ବରିଷ୍ଠ ସଭ୍ୟ ଆନନ୍ଦ ତ୍ରିପାଠୀ ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ବିକାଶ ମିଶ୍ର ସହଯୋଗ କରିଥିଲେ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରମୁଖ ଜନସଂଗୋଷ୍ଠୀ କାର୍ଯ୍ୟକ୍ରମ

ସମ୍ବଲପୁର, ୭।୪(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସମ୍ବଲପୁର ମହାନଗର ତରଫରୁ ପ୍ରମୁଖ ଜନ ସଂଗୋଷ୍ଠୀ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଶତାବ୍ଦୀ ବର୍ଷରେ ହେଉଥିବା ପ୍ରମୁଖ ୭ କାର୍ଯ୍ୟକ୍ରମ ମଧ୍ୟରୁ ଏହି କାର୍ଯ୍ୟକ୍ରମ ସମାଜରେ ବିଭିନ୍ନ ଆୟାମରେ ନେତୃତ୍ୱ ନେଉଥିବା ବ୍ୟକ୍ତିବିଶେଷଙ୍କ ପାଇଁ ସାରା ଭାରତବର୍ଷରେ ଅନୁଷ୍ଠିତ ହେଉଛି। ମହାନଗର ସଂଘଚାଳକ ଦୀପକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ସଂଘର ଅଖିଳ ଭାରତୀୟ ସମ୍ପର୍କ ପ୍ରମୁଖ ରାମଲାଲଜୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ସମ୍ବୋଧିତ କରିଥିଲେ। ଶ୍ରୀ ରାମଲାଲ ପ୍ରଥମ ସତ୍ରରେ ସଂଘର ସ୍ଥାପନା, କାର୍ଯ୍ୟର ବିସ୍ତାର, ଶହେବର୍ଷର ଯାତ୍ରା, ବିଭିନ୍ନ ସେବା କାର୍ଯ୍ୟ, ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିବା ପାଇଁ ସଂଘ କରିଥିବା ସମସ୍ତ ପ୍ରୟାସ ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଦେଶପାଇଁ କାମ କରୁଥିବା ଓ କରିବାକୁ ଚାହୁଁଥିବା କୌଣସି ବ୍ୟକ୍ତି ସଂଘର ବିରୋଧୀ ହୋଇ ନ ପାରେ ଏବଂ ସେହିପରି ସଂଘ ମଧ୍ୟ କାହାକୁ ବିରୋଧୀ ମନେ ନକରି ସମାଜର ପ୍ରତ୍ୟେକ ବ୍ୟକ୍ତି ଓ ପରିବାର ପାଖରେ ପହଞ୍ଚିବାକୁ ସମସ୍ତ ପ୍ରୟାସ ଜାରି ରଖିଛି। ଏହି ଶୃଙ୍ଖଳାରେ ଗୃହ ସମ୍ପର୍କ ଅଭିଯାନ ସମୟରେ ୧୦ କୋଟିରୁ ଅଧିକ ପରିବାର ସହିତ ସମ୍ପର୍କ ହୋଇସାରିଛି। ସେହିପରି ଦେଶରେ ଜାତି ଜାତି ମଧ୍ୟରେ ଥିବା ବିଭେଦକୁ ଦୂର କରିବା ପାଇଁ ସଂଘ ସାମାଜିକ ସମରସତା ଗତିବିଧି ମାଧ୍ୟମରେ ପ୍ରୟାସ ଜାରି ରଖିଛି। କାର୍ଯ୍ୟକ୍ରମରେ ପ୍ରବୁଦ୍ଧ, ସମାଜସେବୀ, ଶିକ୍ଷାବିତ, ବୈଜ୍ଞାନିକ, ପ୍ରଶାସନିକ, ନ୍ୟାୟିକ, କଳାକାର ଓ କ୍ରୀଡାବିତମାନେ ଭାଗ ନେଇଥିଲେ। ମହାନଗର ପ୍ରଚାର ପ୍ରମୁଖ ଜ୍ଞାନରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପର୍କ ପ୍ରମୁଖ ଆଶିଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଭେଡ଼ଉଁରିଆରେ ସିରଜିନା ମହୋତ୍ସବ

# ସାମାଜିକ ସୁସ୍ଥତା ପାଇଁ ନାଟକ ସାହିତ୍ୟ ଅନିବାର୍ଯ୍ୟ

ପଦ୍ମପୁର, ୭।୪(ସମିସ)

ନାଟକ ଓ ସାହିତ୍ୟ ମଣିଷ ମନକୁ ଗଭୀର ଭାବରେ ପ୍ରଭାବିତ କରିଥାଏ। ଫଳରେ ସାମାଜିକ ସୁସ୍ଥତା ପାଇଁ ଏହି ଧାରା ଅନିବାର୍ଯ୍ୟ ବୋଲି ବରଗଡ଼ ଜିଲ୍ଲା ପଦ୍ମପୁର କଳାଗ୍ରାମ ଭେଡ଼ଉଁରିଆ ଠାରେ ଅନୁଷ୍ଠିତ ସିରଜିନା ମହୋତ୍ସବରେ ମତ ପ୍ରକାଶ ପାଇଛି। ଅଗ୍ରଣୀ ଅନୁଷ୍ଠାନ ସିରଜିନା ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ପଦମପୁର ପକ୍ଷରୁ ସିରଜିନା ଉଛବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କବି, କଳାକାର, ସାହିତ୍ୟକମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ। ନୃସିଂହ ମହାପ୍ରଭୁ ଓ ମାଁ ସମଲେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା ପରେ ୩ତାରିଖ ସନ୍ଧ୍ୟାରେ ପ୍ରଥମେ ଶିଶୁ ନାଟକ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଆୟୋଜକ ରାଜେନ୍ଦ୍ର ମହାନ୍ତିଙ୍କ ପରିଚାଳନାରେ ବ୍ୟଙ୍ଗକବି ମନୋରଞ୍ଜନ ସାହୁ ମୁଖ୍ୟଅତିଥି ଏବଂ ଅବସର ଶିକ୍ଷକ କୋକିଳ ସାହୁ ମୁଖ୍ୟବକ୍ତା ଭାବରେ ଉଦ୍‌ଘାଟନ କରିଥିଲେ। ଏହାପରେ ଖଇରପାଲି ଉଚ୍ଚ ବିଦ୍ୟାଳୟ ଅତାବିରାର ନାଟକ 'ବଉଁଶ ବୁଡା', ଚର୍ଦାପାଲି ଉଚ୍ଚ ବିଦ୍ୟାଳୟର 'ଯାର ଧାନକେ ତାର ମୁରହି' ଖୁଜେନ୍ ପ୍ରାଥମିକ ବିଦ୍ୟାଳୟର 'ଧର୍ମ ପଦ' ନାଟକ ଓ ଲୁହାସିଂହା ଉଚ୍ଚ"ବିଦ୍ୟାଳୟ ନାଟକ 'ଏକ ନଦୀର କଥା' ପରିବେଷିତ ହୋଇଥିଲା। ନାଟକଗୁଡିକର ଉଚ୍ଚକୋଟୀର ପରିବେଷଣ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ନାଟ୍ୟକାର ରାଜ କୁମାର ସାହୁ ଓ ବିଶ୍ୱନାଥ ସେଠ୍ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ବାବୁଲୁ କୁମ୍ଭାର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଦ୍ୱିତୀୟ ଦିନରେ ପ୍ରଥମ ପର୍ଯ୍ୟାୟରେ କବିତା ପାଠକୁ ଉଦ୍‌ଘାଟନ କରିଥିଲେ ନାଟ୍ୟକାର କେଶ ରଞ୍ଜନ ପ୍ରଧାନ ଓ ଆଶୋକ କୁମାର ବହିଦାର। ଏବିଇଓ ଜୟ କୁମାର୍ ସାହୁ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଥିଲେ। ଉପସଭାପତି ଆନନ୍ଦ ବେହେରା ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶେଷଦେବ ମେହେରଙ୍କ ପୌରୋହିତ୍ୟ ଓ କବି ତରଣୀ ସାହୁଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। କବି ତେଜରୁ ବାରିକ୍, ମେଶ ପ୍ରଧାନ, ବେଣୁଧର ସାହୁ, ସଂଯୁକ୍ତା ସାହୁ, ସ୍ୱର୍ଣ୍ଣକାନ୍ତି ସାହୁ ତନ୍ମୟ ମିଶ୍ର, ଜୀବନମଣି ମେହେର ମେହେରଙ୍କ ସମେତ ବହୁ ସଂଖ୍ୟାରେ କବିମାନେ କବିତା ପାଠ କରିଥିଲେ। ସଂସଦର ସଭାପତି ଆଦିତ୍ୟ କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସନ୍ଧ୍ୟା ଅଧିବେସନରେ ସାମ୍ବାଦିକ ପରମାନନ୍ଦ ମିଶ୍ର ମୁଖ୍ୟ ଅତିଥି, ବ୍ୟଙ୍ଗକବି ମନୋରଞ୍ଜନ ସାହୁ ସମ୍ମାନିତ ଅତିଥି, ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ। ସମ୍ପାଦକ ରାଜେନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ତଥା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଚଳିତ ବର୍ଷ ବିଶିଷ୍ଟ ଲେଖକ ତଥା ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କୁ ଅନୁଷ୍ଠାନର ମର୍ଯ୍ୟାଦାଜନକ 'ସିର୍ଜିନା ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହିତ କବିତା ପାଇଁ ଗୁଣ ସାଗର ସାହୁ, ଗଳ୍ପରେ ନରେନ୍ଦ୍ର ମହାନ୍ତି, ପ୍ରବନ୍ଧରେ ପ୍ରଫୁଲ୍ଲ ପାଣିଗ୍ରାହୀ, ଅଭିନୟରେ ସୁବ୍ରତ ପଟ୍ଟନାୟକ ଓ ମାନସ ସାହୁ, ସୁରେଶ ଚୌହାନଙ୍କୁ ପ୍ରବୃଦ୍ଧ ସମ୍ମାନ, ନୁଆ ମୁହଁ ସମ୍ମାନରେ ସଦାନନ୍ଦ ମେହେର, ଶିକ୍ଷାସମ୍ମାନ ପଣ୍ଡୁ ପ୍ରଧାନ, ଭକ୍ତି ସମ୍ମାନ ରମେଶ ଦାଶ, ସାହିତ୍ୟ ସେବାରେ ଗୌରାଙ୍ଗ ପାଣ୍ଡେ, ଶ୍ରେଷ୍ଠ ସାହିତ୍ୟ ସଂସ୍କୃତି ଅନୁଷ୍ଠାନରେ ଦହନା ସାହିତ୍ୟ ଅନୁଷ୍ଠାନ କଟାପାଲି, ଦହିତା ରାମଲୀଳା ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ଶିବ ସୁନା, ଶୁଭମ୍ ଘିବେଲା, ବଟ କୃଷ୍ଣ ସାହୁ, ଝସ କେତନ ମେହେର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ନାଟ୍ୟକାର ଦୈତାରୀ ବିଶ୍ୱାଳ, ଶ୍ରେଷ୍ଠ ନିର୍ଦ୍ଦେଶକ ବିଦେଶୀ ସାହୁ, ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଓ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଉପସଭାପତି ଆନଂଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଂଯୋଜକ ଦେବେନ୍ଦ୍ର ତ୍ରିପାଠୀ ଓ ନିରଞ୍ଜନ ପଟେଲ, ସଞ୍ଜୀବ ବହିଦାର, ସନାତନ ବାରିକ, କୁଞ୍ଜ ବିହାରି ସରାଫ, କିଶୋର ପାତ୍ର, ଦେବେନ୍ଦ୍ର ତ୍ରିପାଠୀ, ଅଶ୍ୱୀନୀ ପଟେଲ, ନିରଞ୍ଜନ ପଟେଲ, ବିଦ୍ୟାଧର ଦାଶ, କୈଳାସିନୀ ପଟେଲ, ବର୍ଷା ମେହେର, ସଂଯୁକ୍ତା ସାହୁ, ଅନିତା ସାହୁ, ସୁଶାନ୍ତ ମହାପାତ୍ର, ନିକି ପଟେଲ, ସ୍ୱର୍ଣ୍ଣ କାନ୍ତି ପତି, ସୋନିଆ ପଟେଲ ସମେତ ସଂସଦର କର୍ମକର୍ତ୍ତା ଓ ଭେଡ଼ଉଁରିଆ ଗ୍ରାମବାସୀ ସହଯୋଗ କରିଥିଲେ।

